## ସଂକ୍ଷେପରେ

### ବିଦ୍ୟାଦାତାଙ୍କୁ ବିଦାୟ



ଭୁବନ, ୬।୯(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ଭୁବନ ଗଣେଶ ବଜାର ବଣିକ ସଂଘ ପକ୍ଷରୁ ପୂଜା ପାଉଥିବା ବିଦ୍ୟାଦାତା ଗଣେଶଙ୍କୁ ଶୁକ୍ରବାର ମେଲାଣି ଦିଆଯାଇଛି। ପାରମ୍ପରିକ ବାଦ୍ୟ, ନୃତ୍ୟ, ସଂକୀର୍ତ୍ତନରେ ପରିବେଶ କମ୍ପି ଉଠିଥିବାବେଳେ ଭସାଣି ଉତ୍ସବରେ ହଜାର ହଜାର ସହରବାସୀ ସାମିଲ ହୋଇଥିଲେ। ସକାଳେ ପାରମ୍ପରିକ ନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଆସ୍ଥାନ ଛାଡ଼ିଥିଲେ ଠାକୁର। ଭସାଣି ଶୋଭାଯାତ୍ରାରେ ଗଞ୍ଜାମ ଜିଲାର ପାରମ୍ପରିକ ଲୋକନୃତ୍ୟ, ଘଣ୍ଟବାଦ୍ୟ, ସଂକୀର୍ତ୍ତନମଣ୍ଡଳୀ, ବ୍ରାସବ୍ୟାଣ୍ଡ ସାମିଲ ହୋଇଥିଲେ। ସହର ପରିକ୍ରମା କରାଯିବା ପରେ ଶ୍ରୀଗଜାନନଙ୍କ ମୂର୍ତ୍ତିକୁ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଛି। ବଣିକ ସଂଘ ସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ରାଧାକ୍ରିଷ୍ଣନ୍‌ଙ୍କ ଜୀବନୀ ଉପରେ ଆଲୋଚନା



ଢେଙ୍କାନାଳ ଅଫିସ, ୬।୯: ଢେଙ୍କାନାଳ କଲେଜ ବାଇପାସ୍‌ସ୍ଥିତ ଦାଶରଥି ମିଶ୍ର ହାଇସ୍କୁଲରେ ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ପୂର୍ବତନ ସଭାପତି ପ୍ରଶାନ୍ତ ମିଶ୍ର, ଶିକ୍ଷାବିତ୍ ଭବାନୀ ଶଙ୍କର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଦାଶ, ବିରଞ୍ଚି ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ସରଳା ସାହୁ, ଶୁଚିସ୍ମିତା ନାଥ କବିତାପାଠ କରିଥିଲେ। ଶିକ୍ଷକ ଅଶୋକ ପ୍ରଧାନ, ସୁଶୀଲ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆକ୍ରମଣରେ ଗୁରୁତର ଯୁବକଙ୍କ ମୃତ୍ୟୁ

ଭୁବନ, ୬।୯(ଡି.ଏନ.ଏ.) ସାମାନ୍ୟ ବଚସାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଢେଙ୍କାନାଳ ଜିଲା ଭୁବନ ଥାନା ଓଡ଼ିଶ ଗ୍ରାମର ଜିତେନ୍ଦ୍ର ଲୋହାର(୩୦)ଙ୍କ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତକଙ୍କ ଦାଦା କୁନାଲ ଲୋହାରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଆଇପିସି ଦଫା ୩୪୧, ୩୨୩, ୫୦୬, ୨୯୪, ୩୪ରେ ଏକ ମାମଲା (ନଂ. ୨୦୪/୧୯) ରୁଜୁ କରିଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କୌଣସି କାରଣକୁ କେନ୍ଦ୍ରକରି ଗୁରୁବାର ସତ୍ୟରଞ୍ଜନ ବେହେରା ଏବଂ ସୁକାନ୍ତ ଚନ୍ଦ୍ର ବେହେରା ମିଳିତ ଭାବେ ଜିତେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଥିବା ଏଏସ୍ଆଇ ଲକ୍ଷ୍ମୀଧର ରଣା ସୂଚନା ଦେଇଛନ୍ତି।

### ପ୍ରସାଦ ବିତରଣ

ଢେଙ୍କାନାଳ ଅଫିସ, ୬।୯ ଗଣେଶ ପୂଜା ଅବସରରେ ଢେଙ୍କାନାଳ ରାଇଜିଂଷ୍ଟାର କ୍ଲବ ପକ୍ଷରୁ ଶୁକ୍ରବାର ଶିଶୁଗୃହ ଅନ୍ତେବାସୀଙ୍କୁ ପ୍ରସାଦ ବିତରଣ କରାଯାଇଛି। ଏଥିରେ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଛାତ୍ରୀଛାତ୍ର, ଜରାଶ୍ରମ ଅନ୍ତେବାସୀଙ୍କ ସମେତ ବହୁ ପିଲା ସାମିଲ ହୋଇଥିଲେ। ସଭାପତି ସନାତନ ରାଉଳ, ସମ୍ପାଦକ ଗୁରୁପଦ ବିଶ୍ୱାଳ, ଉପସଭାପତି ରଶ୍ମିରଞ୍ଜନ ପାଢୀ, ବିଶ୍ୱଜିତ୍ ସେନ, ନିରଦାନନ୍ଦ ନନ୍ଦ, ମନୋଜ ପୃଷ୍ଟି, ଦୀପକ ମିଶ୍ର, ସୌମ୍ୟରଞ୍ଜନ ପାଢ଼ୀଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।



# ବିଦ୍ୟୁତ୍ ବିଭାଗ ଚଢ଼ାଉକୁ ନେଇ ଉତ୍ତେଜନା

■ବିରୋଧ କଲେ ବ୍ୟବସାୟୀ

■ଭିତ୍ତିଭୂମି ସଜାଡ଼ିବାକୁ ଦାବି

ପରଜଙ୍ଗ, ୬।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବଜାରରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନରେ ଶୁକ୍ରବାର ବିଦ୍ୟୁତ୍ ବିଭାଗ ପକ୍ଷରୁ ଚଢ଼ାଉକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଅଞ୍ଚଳର ବିଦ୍ୟୁତ୍ ଭିତ୍ତିଭୂମି ସଜାଡ଼ିବା ଦାୟିତ୍ୱ ସେସୁ ଉପରେ ନ୍ୟସ୍ତ ରହିଛି। ହେଲେ ବିଭାଗ ଉପଭୋକ୍ତାଙ୍କୁ ସେବା ଯୋଗାଇବାରେ ବିଫଳ ହୋଇଛି। ତଥାପି ଲାଭଖୋର୍ ମନୋବୃତ୍ତି ନେଇ ବାରମ୍ବାର ଚଢ଼ାଉ କରାଯାଉଥିବା ଅଭିଯୋଗ ଆଣିଛନ୍ତି ବ୍ୟବସାୟୀ। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ପରଜଙ୍ଗ ବଜାରରେ ଜଣେ ବ୍ୟବସାୟୀଙ୍କ ନାମରେ ମିଟର ଟ୍ୟାମ୍ପେରିଂ ଅଭିଯୋଗ ଆସିଥିଲା। ଏହାପରେ ସେସୁ (ଏଭିଓ) ସହକାରୀ ଭିଜିଲାନ୍ସ ଅଧିକାରୀ ସତ୍ୟନାରାୟଣ ରଥ, ସେସୁ ଏମ୍ଆରଟି ଏସ୍‌ଡିଓ କିଶୋର ବିଶ୍ୱାଳ, ପରଜଙ୍ଗ ଏସ୍‌ଡିଓ ସିପକ ଦାସ, ଚାଇଁପାଳ ସେସୁ ନିର୍ବାହୀ ଯନ୍ତ୍ରୀ



ଘଟଣାସ୍ଥଳରେ ଉତ୍ତେଜନା।

ନିହାର ରଞ୍ଜନ ପାଣିଗ୍ରାହୀଙ୍କ ସମେତ ଏନ୍‌ଜେଏନ୍ କର୍ମଚାରୀଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଥିଲା। ହେଲେ ଅଧିକାରୀମାନେ ଅଭିଯୋଗ ଆସିଥିବା ଦୋକାନକୁ ବାଦ୍ ଦେଇ ଅନ୍ୟସ୍ଥାନରେ ଚଢ଼ାଉ କରିଥିଲେ। ଏହାକୁ ବିରୋଧ କରିଥିଲେ ସ୍ଥାନୀୟ ବ୍ୟବସାୟୀ।

ପରଜଙ୍ଗକୁ ବାଦ୍ ଦେଲେ ଅନ୍ୟ ୨୯ ପଞ୍ଚାୟତରେ ବିଦ୍ୟୁତ୍ ସେବା, ଅର୍ଥ ଆଦାୟ, ଏଲ୍‌ଟି ଲାଇନ ମରାମତି କାମ ଏନ୍‌ଜେନ୍ ବୁଝୁଛି। ପରଜଙ୍ଗ ପଞ୍ଚାୟତରେ ବିଦ୍ୟୁତ୍ ସେବା ଦାୟିତ୍ୱରେ ସେସୁ ରହିଛି। ଏଥିରେ ଏନ୍‌ଜେନ୍‌ର କୌଣସି ଭୂମିକା ନାହିଁ। ତଥାପି ଚଢ଼ାଉରେ ଏନ୍‌ଜେନ୍ କର୍ମଚାରୀ ସାମିଲ ହେବାକୁ ନେଇ ବ୍ୟବସାୟୀମାନେ ପ୍ରଶ୍ନ ଉଠାଇଥିଲେ। ଏଥିସହ ଅଭିଯୋଗ ଆସିଥିବା ଦୋକାନକୁ ଛାଡ଼ି ଅନ୍ୟଦୋକାନରେ ଚଢ଼ାଉ କରାଯିବାକୁ ନେଇ ସେମାନେ ଆପତ୍ତି କରିଥିଲେ। ବିରୋଧ ପରେ ଥାନାରେ ପୋଲିସ ଉପସ୍ଥିତରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନେଇ ବୈଠକ ବସିଥିଲା। ପରଜଙ୍ଗ ପଞ୍ଚାୟତରେ ବିଦ୍ୟୁତ୍ ଭିତ୍ତିଭୂମି ସଜାଡ଼ିବାରେ ସେସୁ ବିଫଳ ହୋଇଛି। ପ୍ରଥମେ ଏହାର ସମାଧାନ କରାଯାଉ। ଠିକ୍ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦେବାପରେ ଚଢ଼ାଉ କରାଗଲେ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ବ୍ୟବସାୟୀମାନେ ସର୍ତ୍ତ ରଖିଥିଲେ।

ଏ ନେଇ ଚାଇଁପାଳ ସେସୁ ନିର୍ବାହୀ ଯନ୍ତ୍ରୀ, କୁହନ୍ତି, ଅଭିଯୋଗ ଆସିଥିବା ଦୋକାନ ପରିବର୍ତ୍ତେ ଅନ୍ୟ ଦୋକାନରେ ଚଢ଼ାଉ ଏବଂ ଦାୟିତ୍ୱରେ ନ ଥିବା ସତ୍ତ୍ୱେ ଏନ୍‌ଜେଏନ୍ କର୍ମଚାରୀ ଏଥିରେ ସାମିଲ ହେବାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅଞ୍ଚଳରେ ରହିଥିବା ବିଦ୍ୟୁତ୍ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ବିଦ୍ୟୁତ୍ ଚୋରି ରୋକିବା ନେଇ ଲୋକଙ୍କୁ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।

# 'ଗୁରୁସତ୍ତାକୁ ସମ୍ମାନ ଦିଅ'



ଢେଙ୍କାନାଳ ଅଫିସ, ୬।୯

ଢେଙ୍କାନାଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। ବିଇଓ ନିତ୍ୟାନନ୍ଦ ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଇଓ ସୁଧାନନ୍ଦ ପରିଡା, ସମ୍ମାନିତ ଅତିଥି ପ୍ରତିଷ୍ଠାନର ଅଧକ୍ଷ ସଚ୍ଚିଦାନନ୍ଦ ମିଶ୍ର ଯୋଗଦେଇଥିଲେ। ଭାରତୀୟ ସମାଜରେ ଗୁରୁପୂଜନ ପରମ୍ପରା କେଉଁ ଆବହମାନକାଳରୁ ରହିଆସିଛି। ଗୁରୁସତ୍ତାକୁ ସମ୍ମାନ ଦେବା ଉଚିତ। ଗୁରୁ-ଶିଷ୍ୟଙ୍କ ମଧ୍ୟରେ ନିବିଡ଼ତା ରହିଲେ ଆଦର୍ଶ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଶିକ୍ଷୟିତ୍ରୀ ମମତା ପାଣିଙ୍କ ଗୁରୁ ବନ୍ଦନା, ଲିନା ମହାପାତ୍ର, ପ୍ରଜ୍ଞାପାରମିତା ମିଶ୍ର, ସୁନିତା ସାହୁ, ଭବାନୀ ପାତ୍ର, ଶିକ୍ଷକ ନିରାକାର ବେହେରା, ଯଦୁମଣି ସେଠୀଙ୍କ ସଙ୍ଗୀତ, ଶିକ୍ଷୟିତ୍ରୀ କରବୀ କାଦମ୍ବିନୀ ପଟ୍ଟନାୟକଙ୍କ ଓଡ଼ିଶୀ ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ଶିକ୍ଷକ ବିଶ୍ୱରଞ୍ଜନ ମହାରଣା ମ୍ୟାଜିକ୍ ଶୋ ପ୍ରଦର୍ଶନ କରିଥିଲେ। ୨୦୧୯ରେ ଶିକ୍ଷକତାରୁ ଅବସର ନେଇଥିବା ୨୪ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅସିତ ମିଶ୍ର, ରାଜେନ୍ଦ୍ର ନାୟକ, ଲାଲୁପ୍ରସାଦ ସେନ୍, ନାରାୟଣ ନାୟକ, ପ୍ରଶାନ୍ତ ପଣ୍ଡା, ସଚ୍ଚିଦାନନ୍ଦ ସାହୁ, ବିଷ୍ଣୁ କୁମାର ମଲ୍ଲିକ, ସୁବାସିନୀ ମିଶ୍ର, ପ୍ରଭାତୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ଆରମ୍ଭ ହେଲା ଶ୍ରୀଗଣେଶ ମେଲଣ ମହୋତ୍ସବ

# 'ଏକାଠି ହେବାର ସୁବର୍ଣ୍ଣ ସୁଯୋଗ'

ଭୁବନ, ୬।୯(ଡି.ଏନ.ଏ.)

ଶହୀଦ ବୀର ବାଜି ରାଉତ ଭୁବନ ଅଞ୍ଚଳର ପରିଚୟ। ଏହାକୁ ବାଦ୍‌ଦେଲେ କଂସାପିତ୍ତଳ କାରିଗରି ପାଇଁ ମଧ୍ୟ ଅଞ୍ଚଳ ପ୍ରସିଦ୍ଧି ଅର୍ଜନ କରିଛି। ଏଥିରେ ଏବେ ନୂଆ ଅଧ୍ୟାୟ ଭାବେ ଯୋଡ଼ିହୋଇଛି ଶ୍ରୀଗଣେଶ ମେଳଣ ମହୋତ୍ସବ। ଏହି କାର୍ଯ୍ୟକ୍ରମ ଏକାଠି ହେବାର ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। ଏହାଦ୍ୱାରା ସବୁବର୍ଗର ଲୋକଙ୍କ ମଧ୍ୟରେ ଭାଇଚାରା ବଢ଼ିବ। ଅଞ୍ଚଳବାସୀଙ୍କ ମଧ୍ୟରେ ଶାନ୍ତି, ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟି ହେବ। ଯୁବପିଢ଼ି ସୁଖଦୁଃଖରେ ଏକାଠି ହେଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି କହିଛନ୍ତି ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ। ବିଦ୍ୟାଦାତା ଗଜାନନଙ୍କ ଆବାହନ ଅବସରରେ ଶୁକ୍ରବାରଠାରୁ ସ୍ଥାନୀୟ ମେଲଣ ପଡ଼ିଆରେ ଆରମ୍ଭ ହୋଇଥିବା ଶ୍ରୀ ଗଣେଶ ମେଲଣ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଭୁବନ ହେଉଛି ସଂସ୍କୃତିର ସହର। ଏଠାରେ ବହୁ ପ୍ରତିଭା ଅଛନ୍ତି। ବିଭିନ୍ନ ପରମ୍ପରାକୁ ନେଇ ଅଞ୍ଚଳର ସୁନାମ ରହିଛି। ଆଗାମୀ ଦିନରେ ମହୋତ୍ସବକୁ ଆହୁରି ଆକର୍ଷଣୀୟ କରାଯିବ। ପ୍ରଶାସନ ପକ୍ଷରୁ ଏଥିପାଇଁ ସମସ୍ତ ସହଯୋଗ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସଭାପତି ଦୀପକ ରଞ୍ଜନ ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ଜିତେନ୍ଦ୍ର କୁମାର ଦାସ, ବିନୋଦ କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୨ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ଅବସରରେ ଆଞ୍ଚଳିକ କଳାକାରଙ୍କୁ ନେଇ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରତିଯୋଗିତାର ଶ୍ରେଷ୍ଠ କଳାକାରଙ୍କୁ କମିଟି ପକ୍ଷରୁ ପୁରସ୍କୃତ କରାଯିବ। ମେଲଣ ମହୋତ୍ସବ ଅବସରରେ ସମସ୍ତ ମେଢକୁ ସୁସଜ୍ଜିତ କରାଯାଇଛି। ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

## ଜିଲା ପୋଲିସରେ ବ୍ୟାପକ ଅଦଳବଦଳ

ଢେଙ୍କାନାଳ ଅଫିସ, ୬।୯

ଢେଙ୍କାନାଳ ଏସ୍‌ପି ଅନୁପମା ଜେମ୍‌ସ ଶୁକ୍ରବାର ଇନ୍ସପେକ୍ଟରସ୍ତରରେ ବ୍ୟାପକ ଅଦଳବଦଳ କରିଛନ୍ତି। ରାସୋଳ ଥାନାଧିକାରୀ ଇନ୍ସପେକ୍ଟର ଜ୍ଞାନରଞ୍ଜନ ସାମଲଙ୍କ ଢେଙ୍କାନାଳ ଟାଉନଥାନାକୁ ବଦଳି ହୋଇଛି। ଏଠାରେ କାର୍ଯ୍ୟରତ ଥାନାଧିକାରୀ ଅଭିନବ ଡାଲୁଆଙ୍କ କାମାକ୍ଷାନଗର ଥାନାକୁ ବଦଳି କରାଯାଇଛି। କାମାକ୍ଷାନଗର ଥାନାଧିକାରୀ ନିରଞ୍ଜନ ସେଠୀଙ୍କୁ କଣ୍ଟାବଣିଆ ଆଇଆଇସି ଭାବେ ଅବସ୍ଥାପିତ କରାଯାଇଛି। କଣ୍ଟାବଣିଆ ଥାନାଧିକାରୀ ବିଜୟ କୁମାର ହାଇବ୍ରୁଙ୍କୁ ପରଜଙ୍ଗ ଥାନାଧିକାରୀ ଦାୟିତ୍ୱ ଦିଆଯାଇଛି। ପରଜଙ୍ଗ ଥାନାଧିକାରୀ ଆନନ୍ଦ କୁମାର ଡୁଙ୍ଗଡୁଙ୍ଗଙ୍କୁ ତୁମୁସିଙ୍ଗା ଏବଂ ତୁମୁସିଙ୍ଗା ଥାନାଧିକାରୀ ବିଷ୍ଣୁଚରଣ ବାରିକଙ୍କୁ ରାସୋଳ ଥାନାକୁ ବଦଳି କରାଯାଇଛି। ଦେବଗଡ଼ ଜିଲାରୁ ଆସିଥିବା ଇନ୍ସପେକ୍ଟର ଜିତେନ୍ଦ୍ର ସାହୁଙ୍କୁ ଗଁଦିଆ ଥାନାଧିକାରୀ ଦାୟିତ୍ୱ ଦିଆଯାଇଛି। ଏଠାରେ କାର୍ଯ୍ୟରତ ଥାନାଧିକାରୀ ନିରୁପମା ଜେନାଙ୍କ ଦେବଗଡ଼ ଜିଲାକୁ ବଦଳି ହୋଇଥିବା ସୂଚନା ମିଳିଛି।

# 'ବିଜ୍ଞାନ ହିଁ ପରିଚୟ ହେଉ'



କାର୍ଯ୍ୟକ୍ରମରେ ଅତିଥିମାନେ।

ସାତମାଇଲ, ୬।୯(ଡି.ଏନ୍.ଏ.)

ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜ ପଦାର୍ଥ ବିଜ୍ଞାନ (ସମ୍ମାନ) ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଅଶୋକ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷ ଡ. ଅସିତ୍ ଜେନାମଣି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମାନବ ସଭ୍ୟତାର ବିକାଶରେ ବିଜ୍ଞାନର ଅବଦାନ ଅନସ୍ୱୀକାର୍ଯ୍ୟ। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ମହାକାଶରେ ଇତିହାସ ରଚିସାରିଲାଣି ମଣିଷ। ଏହାକୁ ଆହୁରି ଶୀର୍ଷକୁ ନେବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼ିବ। ଯୁବପିଢ଼ିଙ୍କ ପାଇଁ ବିଜ୍ଞାନ ହିଁ ପରିଚୟ ହେଉ ବୋଲି ସେ ମତବ୍ୟକ୍ତ କରିଥିଲେ।

କଲେଜରେ ଶୃଙ୍ଖଳିତ ବ୍ୟବହାର, ସମୟାନୁବର୍ତ୍ତୀ ହୋଇ ପାଠପଢ଼ାରେ ସୁନାମ ଆଣିବାକୁ ବରିଷ୍ଠମାନେ ନବାଗତଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଜୟନ୍ତ ନାରାୟଣ ପତି, ଶଶଧର ବିଶ୍ୱାଳ, ଦିଲୀପ ଗଡ଼ନାୟକ, ମନୋରଞ୍ଜନ ବେହେରା, ନିର୍ମଳ ପାଣିଗ୍ରାହୀ, ଅଧ୍ୟାପିକା ମମତା ପାଳଙ୍କ ସମେତ ବିଭାଗର ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଡେମନ୍‌ଷ୍ଟ୍ରେଟର ବିମଳ ସାହୁ ଧନ୍ୟବାଦ ଦେଇଥିଲେ।

# ଜୀବିକା କେନ୍ଦ୍ର ଉଦ୍‌ଘାଟିତ

ଢେଙ୍କାନାଳ ଅଫିସ, ୬।୯

ଢେଙ୍କାନାଳ ବାଜିଚୌକସ୍ଥିତ ପୁରୁଣା ଡାକ୍ତରଖାନା ନିକଟରେ ମ୍ୟୁନିସିପାଲିଟି ଏବଂ ମିଶନ ଶକ୍ତିର ମିଳିତ ଉଦ୍ୟମରେ ଶୁକ୍ରବାର ଜୀବିକା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ସଚିବ ମାଥି ଭାଥନମ୍, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ପୌର ନିର୍ବାହୀ ଅଧିକାରୀ ଅତନୁ ସାମନ୍ତଙ୍କ ସମେତ ସ୍ଥାନୀୟ ମହାସଂଘ, ସହଯୋଗୀ ଏସ୍ଏଚ୍‌ଜି ସଦସ୍ୟ ଉପସ୍ଥିତ ଥିଲେ। ଜୀବିକା କେନ୍ଦ୍ରରେ ଏସ୍ଏଚ୍‌ଜି ପକ୍ଷରୁ ଚାହୁଆ, ପାପୋଛ, ଚୁଲା କଣ୍ଟେଇ, ଧୂପକାଠି ଏବଂ ମାଟିଦୀପ ଆଦି ଘରକରଣା ସାମଗ୍ରୀ ବିକ୍ରୟ ବ୍ୟବସ୍ଥା ରହିଥିବା ସୂଚନା ଦିଆଯାଇଛି।



ଅତିଥିମାନେ ଜୀବିକା କେନ୍ଦ୍ର ପରିଦର୍ଶନ କରୁଛନ୍ତି।

# ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଭୁବନ, ୬।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ଥାନା ଦୟଣାବିଲ ଗ୍ରାମ ନିକଟରେ ପ୍ରବାହିତ ଡମଶାଳ ନଦୀରୁ ଶୁକ୍ରବାର ଅପରାହ୍ନରେ ପୋଲିସ ଜଣେ ମହିଳା ମୃତଦେହ ଉଦ୍ଧାର କରିଛି। ସମ୍ପୃକ୍ତ ମହିଳାଙ୍କ ଆନୁମାନିକ ବୟସ ୪୫ ବର୍ଷ ହେବ। ତାଙ୍କ ପରିଚୟ ମିଳିପାରିନାହିଁ। ନଦୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ବାସିନ୍ଦା ପୋଲିସକୁ ସୂଚନା ଦେଇଥିଲେ। ଏଏସ୍ଆଇ ନୀଳକଣ୍ଠ ପାତ୍ର, କାର୍ତ୍ତିକେଶ୍ୱର ବେହେରା ପହଞ୍ଚି ମୃତଦେହ ଜବତ ଭୁବନ ଡାକ୍ତରଖାନାକୁ ଆଣିଛନ୍ତି। ଶନିବାର ବ୍ୟବଚ୍ଛେଦ କରାଯିବ। ମୃତାଙ୍କ ପରିଚୟ ଜାଣିବାକୁ ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି।

# ମହୁ ଚାଷ ପ୍ରଶିକ୍ଷଣ




ତାଲିମ ଶିବିରରେ ଅତିଥିମାନେ।

ଢେଙ୍କାନାଳ ଅଫିସ, ୬।୯

ଢେଙ୍କାନାଳ ସଦର ରେଞ୍ଜ ମାଝିସାହି-ବାନାସାହି ବନ ସୁରକ୍ଷା ସମିତି ଗୃହରେ ଗୁରୁବାରଠାରୁ ମହୁଚାଷ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ଏବଂ ଓଡ଼ିଶା ଖଦିବୋର୍ଡ ସହାୟତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୫ଦିନ ଧରି ଚାଲିବ। ଏଥିରେ ବନ ସୁରକ୍ଷା ସମିତିର ୨୫ଜଣ ମହିଳା ଅଂଶଗ୍ରହଣ କରିଛନ୍ତି। ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ପରେ ବିନା ମୂଲ୍ୟରେ ୨୫୦ଟି ମହୁବାକ୍ସ ଯୋଗାଇ ଦିଆଯିବ। ଏହା ସେମାନଙ୍କ ଜୀବିକା ନିର୍ବାହରେ ସହାୟକ ହେବ ବୋଲି ଖଦିବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ କହିଲେ, ମହୁଚାଷ ଏକ ଲାଭଜନକ ବ୍ୟବସାୟ। କମ୍ ପରିଶ୍ରମରେ ଏହାକୁ କରାଯାଇପାରିବ ବୋଲି ସେ ପରାମର୍ଶ ଦେଇଥିଲେ। ଡେପୁଟି ରେଞ୍ଜର ତରୁଣ କୁମାର ମହାନ୍ତି, ବନାୟନ ଯୋଜନାର ଅମୀୟ ରଞ୍ଜନ ପରିଡ଼ା, ତାଲିମଦାତା ଆଲୋକ ମହାନ୍ତି, କୋଅର୍ଡିନେଟର ଚକ୍ରଧର ଦାସ, ସୌମ୍ୟରଞ୍ଜନ ପଟ୍ଟନାୟକ, ଅଧିକାରୀ ସଚ୍ଚିଦାନନ୍ଦ ତରାଇ, ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଟିମ୍ ଲିଡର ଜ୍ୟୋତିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

■ପ୍ରସିଦ୍ଧ ଲକ୍ଷ୍ମୀପୂଜା ଆଦ୍ୟପର୍ବ ଆରମ୍ଭ

# ରାଧାଷ୍ଟମୀରେ ଅନୁକୂଳ ହେଲା ମାଟି

ଢେଙ୍କାନାଳ ଅଫିସ, ୬।୯

ପବିତ୍ର ରାଧାଷ୍ଟମୀରେ ମାଟି ଅନୁକୂଳ ସହ ଆରମ୍ଭ ହୋଇଛି ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜାର ଆଦ୍ୟପର୍ବ। ମୀନାବଜାର ଶ୍ରୀଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଏବଂ ଗଣେଶ ବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ପକ୍ଷରୁ ଧନର ଦେବୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ପାଇଁ ମାଟି ଅନୁକୂଳ କରାଯାଇଛି।

ପୂର୍ବାହ୍ନ ୮ଟାରେ ମୀନାବଜାର ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ପୂଜାମଣ୍ଡପଠାରୁ ଶୋଭାଯାତ୍ରାରେ ବାହାରି ବଡ଼ଯୋରା ନାଳ ନିକଟରେ ପହଞ୍ଚିଥିଲେ। ସେଠାରେ ବିଧିବଦ୍ଧଭାବେ ପୂଜାର୍ଚ୍ଚନା କରାଯିବା ପରେ ଶୁଭମାଟି ଉଠାଯାଇଥିଲା। ଘଣ୍ଟ, ଶଙ୍ଖ, ବାଦ୍ୟର ତାଳେତାଳେ ଅନୁକୂଳ ହୋଇଥିବା ମାଟିକୁ ମଣ୍ଡପକୁ ଅଣାଯାଇଥିଲା। ସେହିପରି ଗଣେଶ ବଜାର ଶ୍ରୀଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ବ୍ରାହ୍ମଣୀ ନଦୀରୁ ମାଟି ଅନୁକୂଳ କରାଯାଇଛି। ଲକ୍ଷ୍ମୀପୂଜାକୁ ମାତ୍ର ମାସେ ଥିବାବେଳେ ମା'ଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ଶୁଭଲଗ୍ନ ସ୍ଥିର କରାଯାଇଥିବା ଗଣେଶ ବଜାର ପୂଜା କମିଟି ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ଦେଇଛନ୍ତି।

ପବିତ୍ର ସୁନିଆଁ ଅବସରରେ ଆସନ୍ତା ୧୦ ତାରିଖରେ ଅନ୍ୟ ପୂଜା ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ମାଟି ଅନୁକୂଳ କରାଯିବ। ଏହାକୁ ନେଇ ପ୍ରସ୍ତୁତି ଜୋର୍ ଧରିଛି। ଅପରପକ୍ଷେ ମାଟି ଅନୁକୂଳ ପରେ ଲକ୍ଷ୍ମୀପୂଜାକୁ ନେଇ ସହରବାସୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଉଦ୍ଦୀପନା ପରିଲକ୍ଷିତ ହୋଇଛି।



ମୀନାବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ମାଟି ଅନୁକୂଳ କରାଯାଉଛି।




ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଶୋଭାଯାତ୍ରାରେ ଶୁଭମାଟି ଅଣାଯାଉଛି।

## ସଂକ୍ଷେପରେ

### ୫୦ ଲିଟର ମହୁଲି ଜବତ, ୪ ଗିରଫ



ବନ୍ତଲା,୬।୯(ଡି.ଏନ.ଏ)- ଅନୁଗୋଳ ଜିଲା ଅବକାରୀ ବିଭାଗ ଶୁକ୍ରବାର ଅନ୍ତୁଳିଆ ଅଞ୍ଚଳରେ ଚଢାଉ କରି ୫୦ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଅନ୍ତୁଳିଆ ବଙ୍ଗଳା ସାହିର ବିମ୍ବାଧର ବେହେରା, ମାଠୁ ବେହେରା, ସରୋଜ ବେହେରା ଓ ବଡଖେତା ଗ୍ରାମର ଛବି ଦେହୁରୀ। ସମସ୍ତେ ବେଆଇନ ଭାବେ ଦେଶୀ ମହୁଲି ମଦ ବିକ୍ରି କରୁଥିବା ଖବରପାଇ ଅନୁଗୋଳ ଅବକାରୀ ଥାନା ଏସଆଇ ଅରବିନ୍ଦ ରାଉତ ରାଏ, ଏଏସଆଇ ବିଜୟ କୁମାର ସାମଲ,ହେମନ୍ତ ନାୟକଙ୍କ ସମେତ ଅବକାରୀ ବିଭାଗର କର୍ମଚାରୀ ଚଢାଉ କରିଥିଲେ।

### ଗୁରୁ ହିଁ ପ୍ରକୃତ ପଥ ପ୍ରଦର୍ଶକ

ତାଳଚେର,୬।୯(ନି.ପ୍ର.)- ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦିବାକର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟ ବକ୍ତା ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଦୁର୍ଯ୍ୟୋଧନ ନାୟକ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା ସମିତି ଉପ ସଭାପତି ଭୀମସେନ ସାହୁ, ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଯୋଗ ଦେଇ ଶିଷ୍ୟର ଜୀବନରେ ଗୁରୁଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଗୁରୁ ହିଁ ଶିଷ୍ୟର ପଥ ପ୍ରଦର୍ଶକ। ତେଣୁ ଗୁରୁ ଦେଖାଉଥିବା ମାର୍ଗରେ ଚାଲିଲେ ଶିଷ୍ୟ ବାଟବଣା ହୋଇ ନ ଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପ୍ରଧାନାଚାର୍ଯ୍ୟ ଅନିଲ କୁମାର ଦେହୁରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ସରସ୍ୱତୀ ସାହୁ ଓ ରୀତା ଭୂତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କଳମଛୁଇଁ ବାଳିକା ଉଚ୍ଚ ବିଦ୍ୟାଳୟ, ହିଙ୍ଗୁଳା ନୋଡାଲ ହାଇସ୍କୁଲ, କଳମଛୁଇଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଝିକା ନରହରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟ, ବଡଜୋରଡା ସରସ୍ୱତୀ ଶିଶୁ ମନ୍ଦିର ସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି।

### ୧୧୩ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

ବଇଣ୍ଡା,୬।୯(ଡି.ଏନ.ଏ.)-କିଶୋରନଗର ବ୍ଲକ ବଡ଼ହୁଲାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବକିଶୋର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗ୍ରାମ ସଭାପତି ଭୀମସେନ ପ୍ରଧାନ ଯୋଗଦେଇ ୧୧୩ ଜଣ ଛାତ୍ରୀଛାତ୍ରଙ୍କୁ ୨ ହଳ ଲେଖାଏଁ ପୋଷାକ ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ସଭାପତି ସସ୍ମିତା ପ୍ରଧାନ, ଶିକ୍ଷକ ପ୍ରମୋଦ ପ୍ରଧାନ, ସୁକାନ୍ତି ପ୍ରଧାନ, ସୀମାରାଣୀ ପ୍ରଧାନଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ଥିଲେ।

### ଠକେଇ ଅଭିଯୁକ୍ତ କୋର୍ଟଚାଲାଣ

ଅନୁଗୋଳ ଅଫିସ, ୬।୯- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଠକୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କିଶୋରନଗର ଥାନା ବଙ୍କାପଲଥା ଗାଁର ଉପେନ୍ଦ୍ର ରାଉତ। ତାଙ୍କ ନିକଟରୁ ଲୁଟ ମୋବାଇଲ ଫୋନ୍ ଓ ୩ ଶହ ଟଙ୍କା ଜବତ କରାଯାଇଛି। ଗତ ଅଗଷ୍ଟ ୨୭ରେ ନିଶା ଥାନା ଅଞ୍ଚଳର ସିପୁ ପ୍ରଧାନଙ୍କ ସ୍ତ୍ରୀ ପ୍ରସବ ହେବାକୁ ଆସିଥିଲେ। ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଉପେନ୍ଦ୍ର ତାଙ୍କ ସମ୍ପର୍କୀୟଙ୍କୁ ପ୍ରଲୋଭିତ କରି ମୋବାଇଲ ଓ ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା।

■ସୁଧୁରୁନି ସହର ପରିମଳ ବ୍ୟବସ୍ଥା

# ରାସ୍ତା ପାଲଟିଲାଣି ଡମ୍ପିଂୟାର୍ଡ

ଅନୁଗୋଳ ଅଫିସ, ୬।୯

■ଗଦା ହୋଇଛି କୁଢ଼ କୁଢ଼ ଅଳିଆ
■ଦୁର୍ଗନ୍ଧରେ ନାକ ଫାଟୁଛି



ହରିମହୁରୀ ରାସ୍ତାରେ ଅଳିଆ ଗଦା ହୋଇଛି।

ସହର ସଫା କରିବାକୁ ଅନୁଗୋଳ ପୌରପାଳିକା ଯେପରି ଯୋଜନା ହୀନ ହୋଇପଡିଛି। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ପୌର କର୍ତ୍ତୃପକ୍ଷଙ୍କ କୌଣସି ନୀତି କାମ କରୁନାହିଁ। ଜାଗା ମିଳୁ ନ ଥିବାରୁ ପୌର କର୍ମଚାରୀମାନେ ସର୍ବସାଧାରଣ ସ୍ଥାନରେ ସହରର ଅଳିଆ ଗଦା କରୁଥିବାରୁ ରାସ୍ତାଘାଟ ଡମ୍ପିଂୟାର୍ଡ ପାଲଟିଗଲାଣି। ଏବେ ପାର୍ବଣ ଋତୁ ଆରମ୍ଭ ହୋଇଥିଲେ ମଧ୍ୟ ସହର ଚିତ୍ର ସଜାଡିବାକୁ ପୌର କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି।

ସହର ସାରା ଏଣେତେଣେ ପଡିଛି ଅଳିଆ। ଦୁର୍ଗନ୍ଧରେ ନାକ ଫାଟୁଛି। ଜାଗା ନ ଥିବାରୁ ପୌରପାଳିକାର ସଫେଇ କର୍ମଚାରୀ ଅଳିଆ ଆଣି ରାସ୍ତାରେ ଗଦା କରି ଦେଉଛନ୍ତି। ଏଥିଯୋଗୁ ଅନୁଗୋଳ ବଜାର ଛକରୁ-ହରିମହୁରୀ ଛକକୁ ଯିବା ରାସ୍ତା ସାରା ଆବର୍ଜନାରେ ଭର୍ତ୍ତି ହୋଇଗଲାଣି। ଫଳରେ ସେହି ରାସ୍ତା ଦେଇ ଯାତାୟାତ କରିବା କଷ୍ଟକର ହୋଇଛି। ସେହିପରି ଅନୁଗୋଳ ବସ୍‌ଷ୍ଟାଣ୍ଡ ଗୋଲେଇ ଛକ ମାର୍କେଟ କଥା ନ କହିଲେ ଭଲ। ବିଭିନ୍ନ ସ୍ଥାନର ଆବର୍ଜନାକୁ ଏହି ଛକରେ ଗଦା କରାଯାଇଛି। ବର୍ଷା ହେଲେ ଅବସ୍ଥା ସଙ୍ଗୀନ ହୋଇପଡୁଛି। ପୌରପାଳିକା ପକ୍ଷରୁ ନିକିତି ଧରି ଅଳିଆ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଥିଲେ ହେଁ ଏହା କେବଳ ଲୋକଙ୍କୁ ଭୂଆଁ ବୁଲାଇବା ଉଦ୍ଦିଷ୍ଟ ବୋଲି ଅଭିଯୋଗ ହୋଇଛି। ବିଭିନ୍ନ ୱାର୍ଡରୁ ସଂଗ୍ରହ କରାଯାଉଥିବା ଅଳିଆ ଗୋଳେଇ ଘାଣ୍ଟି ୱାର୍ଡମୁଣ୍ଡରେ ଗଦା କରାଯାଉଛି। ଅନ୍ୟପକ୍ଷରେ ପୌରପାଳିକାରୁ ହଟାଯାଇଥିବା ୨୨ ଜଣ ଠିକା କର୍ମଚାରୀଙ୍କ ମଧ୍ୟରେ ଟ୍ରଲି ଓ ଟ୍ରାକ୍ଟର ଚାଳକ ରହିଥିଲେ। ସେମାନେ ଗଲା ପରେ ଟ୍ରାକ୍ଟରରେ ଅଳିଆ ନେବାରେ ଅସୁବିଧା ହେଉଥିବା ଜଣାପଡିଛି। ଅନେକ ସମୟରେ ଗଦା ହୋଇଥିବା ଅଳିଆରେ ପୌରପାଳିକା ପକ୍ଷରୁ ନିଆଁ ଲଗାଯାଇ ପୋଡି ଦିଆଯାଉଛି। ଏଥିଯୋଗୁ ସେଥିରୁ ଉତ୍କଟ ଗନ୍ଧ ବାହାରୁ ଥିବା ଅଞ୍ଚଳବାସୀ କହିଛନ୍ତି।

ଏ ସମ୍ପର୍କରେ ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ସୀମାଞ୍ଚଳ ମିଶ୍ରଙ୍କୁ ପଚାରିବାରେ କହିଛନ୍ତି, ସହରରେ ଅଳିଆ ସଫା କରିବା ପାଇଁ ଯୋଜନା ଚାଲିଛି। ମୁଁ ଦୁଇ ଦିନ ହେବ ଅସ୍ଥାୟୀ ଭାବେ ଦାୟିତ୍ୱ ନେଇଛି। ପୂର୍ବରୁ ଥିବା ଅଧିକାରୀ କ'ଣ କରୁଥିଲେ ମୁଁ ଜାଣି ନାହିଁ। ତେବେ ଯଥା ସମ୍ଭବ ସହରରେ ପଡ଼ିଥିବା ଅଳିଆ ଉଠାଇବାକୁ ଉଦ୍ୟମ କରାଯିବ।

# ସାହସୀ ଶ୍ରୀମତୀ ବଦ୍ରା ସମ୍ବର୍ଦ୍ଧିତ



ଶ୍ରୀମତୀ ବଦ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ତାଳଚେର, ୬।୯(ନି.ପ୍ର.)

ରାଜ୍ୟର ସର୍ବୋଚ୍ଚ ସାହସିକତା ପୁରସ୍କାର ପାଇଥିବା ତାଳଚେର ଘଣ୍ଟପଡା ନୋଡାଲ୍ ଉଚ୍ଚ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ଶ୍ରୀମତୀ ବଦ୍ରାଙ୍କୁ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ସମ୍ବର୍ଦ୍ଧିତ କରିଛନ୍ତି। ଏ ନେଇ ବୁଧବାର ଅପରାହ୍ନରେ ଭରତପୁର କାର୍ଯ୍ୟାଳୟଠାରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗତ ବର୍ଷ ରେଳ ଦୁର୍ଘଟଣାରେ ଘଣ୍ଟପଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରମିଳା ମୁଣ୍ଡାଙ୍କୁ ଉପସ୍ଥିତ ବୁଦ୍ଧି ବଳରେ ରେଳଧାରଣାରୁ ଉଦ୍ଧାର କରି ଶ୍ରୀମତୀ କାନ୍ଧରେ ବୋହି ଘରକୁ ନେଇ ଆସିଥିଲେ। ଦୁର୍ଘଟଣାରେ ପ୍ରମିଳା ଏକ ଗୋଡ ହରାଇଥିଲେ ହେଁ ତାଙ୍କ ଜୀବନ ରକ୍ଷା ପାଇ ପାରିଥିଲା। ଏହି ଅବସରରେ ବିଧାୟକ ପ୍ରମିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କର କୃତ୍ରିମ ଗୋଡ କିପରି ଶୀଘ୍ର ଲାଗିବ ସେ ବିଷୟରେ ସାମାଜିକକର୍ମୀ କ୍ଷୀରୋଦ ସାହୁଙ୍କୁ କହିଥିଲେ। ଏଥିସହ ପ୍ରମିଳାଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଡେରା ସରପଞ୍ଚ ରଶ୍ମିତା ପ୍ରଧାନ, ସୁନିତା ଦାସଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଆଞ୍ଚାମାଳ, ଲଡୁ ନିଲାମ



ଆଞ୍ଚାମାଳ ନିଲାମ ନେଉଛନ୍ତି ଟ୍ୱିଙ୍କଲ ସାହୁ।

ଅନୁଗୋଳ ଅଫିସ, ୬।୯

ଅନୁଗୋଳର ଖଲାରୀ ଗ୍ରାମର ଆଣ୍ଟି ଭାଇରସ୍ ଗ୍ରୁପ ପକ୍ଷରୁ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଲାରୀ ଗ୍ରାମର ସରପଞ୍ଚ କନ୍ଦର୍ପ ମହାରଣା ଓ ସମ୍ମାନିତ ଅତିଥି ଭାବେ ଖଲାରୀ ଗ୍ରାମର ବୀରବର ସାହୁ, ଅଦ୍ୱୈତ ପ୍ରସାଦ ସାହୁ, ପ୍ରଫୁଲ୍ଲ ଦାସ, ତ୍ରିନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛୋଟ ପିଲାଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶେଷରେ ଆଞ୍ଚାଲଡୁ ଓ ମାଳ ନିଲାମ ହୋଇଥିଲା। ଖଲାରୀ ଗ୍ରାମର ମାଗତା ସାହୁ ସର୍ବାଧିକ ୨୨ ହଜାର ୧ ଶହ ଟଙ୍କାରେ ଆଞ୍ଚାଲଡୁ ଓ ଟ୍ୱିଙ୍କିଲ୍ ସାହୁ ୧୭ ହଜାର ଟଙ୍କାରେ ଆଞ୍ଚାମାଳ ନେଇଥିଲେ। କ୍ଲବର ସଭାପତି ବିଭୁଦତ୍ତ ସାହୁ, ସମ୍ପାଦକ ସାଗର ସାହୁ, ମଧୁସୂଦନ ସାହୁ, ହାପି ସାହୁ, ବାଦଲ ସାହୁ, କାହ୍ନୁଚରଣ ସାହୁ, ସୁଶାନ୍ତ ସାହୁ, ବିଭୀଷଣ ସାହୁ, ସଞ୍ଜୟ ସାହୁ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ବିନା ହେଲମେଟରେ ପୋଲିସ

## ଏସ୍‌ପିଙ୍କୁ ଟୁଇଟ୍ କଲେ ଯୁବକ

ଅନୁଗୋଳ ଅଫିସ, ୬।୯

ଅନୁଗୋଳ କାଞ୍ଚନ ଟକିଜ ନିକଟରେ ଜଣେ ପୋଲିସ କର୍ମଚାରୀ ବିନା ହେଲମେଟରେ ଫୋନ୍‌ରେ କଥା ହୋଇ ଗାଡ଼ି ଚଳାଉଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଫଟୋକୁ ଅନୁଗୋଳ ଏସ୍‌ପିଙ୍କ ଅଫିସିଆଲ ଟୁଇଟର ଆକାଉଣ୍ଟରେ ମାନ୍ଦରଧର ସେଠୀ ନାମକ ଜଣେ ଯୁବକ ଟୁଇଟ୍ କରିବା ପରେ ଶୁକ୍ରବାର ରାତିରେ ଏସ୍‌ପିଙ୍କ ଅଫିସିଆଲ ଟୁଇଟରୁ ପ୍ରତିଉତ୍ତର ଆସିଛି। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ପଚରାଉଚରା କରାଯାଇ କାରଣ ଦର୍ଶାଅ ନୋଟିସ ପଠାଯିବ ବୋଲି ଏସ୍‌ପି ଜଗମୋହନ ମୀନା କହିଛନ୍ତି।

## ଚୋରି ଟ୍ରକ ଉଦ୍ଧାର, ଅଭିଯୁକ୍ତ ଫେରାର

ଅନୁଗୋଳ ଅଫିସ, ୬।୯

ଅନୁଗୋଳ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରୁ ଶୁକ୍ରବାର ସକାଳୁ ଚୋରି ହୋଇଥିବା ଏକ ଟ୍ରକକୁ ପୋଲିସ ପରଜଙ୍ଗର କୁଆଲୁ ଅଞ୍ଚଳରୁ ଉଦ୍ଧାର କରିଛି। ଅଭିଯୁକ୍ତ ଜଣକ ଫେରାର ଥିବା ପୋଲିସ କହିଛି। ଟ୍ରକ ଚୋରି ହୋଇଥିବା ନେଇ ମାଲିକ ଚାରୁବାଳା ଦାସ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ସିସିଟିଭି ଯାଞ୍ଚ କରି ତଦନ୍ତ କରିଥିଲା। ଚାରୁବାଳାଙ୍କ ଘର ନିକଟରେ ଥିବା ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ଟ୍ରକଟି (ଓଆର-୧୯-ସି-୬୧୬୮) କଲିକତାରୁ ଆସି ଗୁରୁବାର ବିଳମ୍ବିତ ରାତିରେ ଛିଡ଼ା ହୋଇଥିଲା। ଶୁକ୍ରବାର ସକାଳେ ସେଠାରେ ଟ୍ରକ ନ ଥିବା ଦେଖିବାକୁ ମିଳିଥିଲା।

## ଫେରାର ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୬।୯

ଅନୁଗୋଳ ପୋଲିସ ଶୁକ୍ରବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଅମଲାପଡା ଛକରୁ ଗିରଫ କରିଛି। ସେ ହେଲେ ସେକ ଅନିସ(୨୦)। ଗତ ମଙ୍ଗଳବାର ପୋଲିସ ଏକ ୭ ଜଣିଆ ଡକାୟତି ଗ୍ୟାଙ୍ଗକୁ କାବୁ କରିଥିବାବେଳେ ସେକ ଫେରାର ଥିଲେ। ତାଙ୍କ ନିକଟରୁ ଏକ ବାଇକ୍(ନଂ.ଓଡ଼ି-୧୯-ବି-୨୦୩୧) ସହ ଗୋଟିଏ ଭୁଜାଲି ଜବତ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ସୂଚନା ଦେଇଛନ୍ତି। ପୂର୍ବରୁ ମଧ ଏକ ମାମଲାରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର



ବିଜ୍ଞାନ ସେମିନାରରେ ଭାଗ ନେଇଥିବା ଜଣେ ଛାତ୍ରୀ।

ଛେଣ୍ଡିପଦା,୬।୯(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ବାଗଡିଆ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଦୟ ମାଝୀ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ବିଭାଗର ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସେମିନାରରେ ଛେଣ୍ଡିପଦା ବ୍ଲକର ୩୨ ଟି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ବିଚାରକ ଭାବେ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋଜ କୁମାର ସାହୁ, ଅନୁଗୋଳ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗିରିଜା ଶଙ୍କର ତ୍ରିପାଠୀ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ରାଇଝରଣ ଉଚ୍ଚ ବିଦ୍ୟାଳୟର ଛାତ୍ର ନରେଶ ଦେହୁରୀ ପ୍ରଥମ, ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମୋନାଲିସା ସାହୁ ଦ୍ୱିତୀୟ, ନୂଆଗାଁ ବୀଣାପାଣି ଉଚ୍ଚ ବିଦ୍ୟାଳୟର ଛାତ୍ର ବବୁଲ ମାଝୀ ତୃତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ସେମିନାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ୪ ଦଫା ଦାବିରେ ବିକ୍ଷୋଭ

ତାଳଚେର, ୬।୯(ନି.ପ୍ର.)

ଓଡ଼ିଶା ସିକ୍ୟୁରିଟି ଆଣ୍ଡ ସର୍ଭିସ ୟୁନିୟନ ତାଳଚେର ଶାଖା ପକ୍ଷରୁ ୪ ଦଫା ଦାବିରେ ଶୁକ୍ରବାର ସମସ୍ତ ଖଣି ଜେନେରାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ୟୁନିୟନର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ହିଙ୍ଗୁଳା ଏରିଆ ଅଫିସରୁ ବାହାରି ଭରତପୁର, ସେଣ୍ଟ୍ରାଲ ୱାର୍କସପ, ସେଣ୍ଟ୍ରାଲ ହସ୍ପିଟାଲ, ଜଗନ୍ନାଥ, ତାଳଚେର, ଲିଙ୍ଗରାଜ, କଣିହାଁ ଏରିଆ ଠାରେ ପହଞ୍ଚିଥିଲା। ସମସ୍ତ ଖଣି ଜିଏମ୍‌ଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ କରିବା ସହ ୪ ସମ୍ବଳିତ ଦାବିପତ୍ରକୁ ଜେନରାଲ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲା। ପ୍ରତି ମାସରେ ଅନ୍ୟୁନ୍ୟ ୨୬ ଦିନର କାମ, ପ୍ରତ୍ୟେକ ମାସ ୧୦ ତାରିଖରେ ଦରମା, ଶତକଡା ୭ ଭାଗ ସିଏମପିଏଫ(କୋଲ ମାଇନ୍ସ ପ୍ରୋଭିଡେଣ୍ଟ ଫଣ୍ଡ) ଡିପୋଜିଟ, ୨୦୧୮ ଅକ୍ଟୋବରଠାରୁ ବକେୟା ଥିବା ଏରିଅର ପ୍ରଦାନ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ୟୁନିୟନର ରାଜ୍ୟ ସଭାପତି ମୋହନ ଚରଣ ଜେନା, ବିଏମଏସ ରାଜ୍ୟ ଉପସଭାପତି ଶ୍ରୀନିବାସ ରାଓ, ଶ୍ରୀନିବାସ ଖୁଣ୍ଟିଆ, ଶାଖା ସଭାପତି ଦୀନବନ୍ଧୁ ସାହୁ ଓ ଅନ୍ୟମାନେ ଏହାର ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ଜିଲା ଜଜ୍ କୋର୍ଟ ପକ୍ଷରୁ ଚାରାରୋପଣ



ଚାରାରୋପଣ କାର୍ଯ୍ୟକ୍ରମରେ ଜଜ୍‌ଙ୍କ ସହ ଅନ୍ୟମାନେ।

ଛେଣ୍ଡିପଦା,୬।୯(ଡି.ଏନ.ଏ.)

ଜରପଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜରପଡା କୁମୁରସିଙ୍ଗ ରେଲୱେ ସାଇଡିଙ୍ଗ ନିକଟରେ ଥିବା ସରକାରୀ ଜାଗାରେ ଗୁରୁବାର ଅନୁଗୋଳ ଜିଲା ଜଜ କୋର୍ଟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା ସେସନ୍ସ ଜଜ ଅଶାନ୍ତ କୁମାର ଦାସ ଯୋଗଦେଇ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ଅନୁଗୋଳ ସୌମ୍ୟକ ପାତ୍ର, ରେଜିଷ୍ଟ୍ରାର ସିଭିଲ କୋର୍ଟ ଅନୁଗୋଳ ବାସୁଦେବ ଆଚାର୍ଯ୍ୟ, କୋର୍ଟ ମ୍ୟାନେଜର ସୁମନ କୁମାର ଆଚାର୍ଯ୍ୟ, ଜଙ୍ଗଲ ବିଭାଗ ଏସିଏଫ ବାସୁଦେବ ନାୟକ, ଜରପଡା ରେଞ୍ଜ ଅଫିସର ହୃଦାନନ୍ଦ ନାଏକ, ମୁଖ୍ୟ ଦପ୍ତର ରେଞ୍ଜ ଅଫିସର ମନମୋହନ ସ୍ୱାଇଁ, ଫରେଷ୍ଟ ଅଫିସର ଲୋକନାଥ ପ୍ରଧାନ, ଫରେଷ୍ଟ ଗାର୍ଡ ଦୀନବନ୍ଧୁ ନାୟକଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ଅଁଳା, କରଞ୍ଜ, ଶିଶୁ, ରାଧାଚୁଡା ଆଦି ପ୍ରାୟ ୨ ହଜାର ଚାରାରୋପଣ କରାଯାଇଥିଲା।

■ପ୍ରଶାସନ ନିକଟରେ ଘଣ୍ଟପଡା ଗ୍ରାମବାସୀଙ୍କ ଦାବି

# ଏମ୍‌ସିଏଲ ଦେଉ ସ୍ୱତନ୍ତ୍ର ସୁବିଧା



ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ତାଳଚେର, ୬।୯(ନି.ପ୍ର.)

ଜଗନ୍ନାଥ ଡିଏଭି ସ୍କୁଲରେ ଏମ୍‌ସିଏଲ୍ କର୍ମଚାରୀଙ୍କ ପିଲାମାନଙ୍କୁ ମିଳୁଥିବା ସୁବିଧା ତାଳଚେର ବ୍ଲକ ଘଣ୍ଟପଡାବାସୀଙ୍କୁ ପ୍ରଦାନ କରାଯିବାକୁ ପ୍ରଶାସନ ନିକଟରେ ଦାବି ହୋଇଛି। ଏ ସମ୍ପର୍କରେ ପଞ୍ଚାୟତବାସୀ ଶୁକ୍ରବାର ସହକାରୀ ଜିଲାପାଳ ଗୌରୀ ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତବାସୀଙ୍କ ଅଭିଯୋଗ ମୁତାବକ, ଏମ୍‌ସିଏଲକୁ ଘଣ୍ଟପଡାବାସୀ ସବୁକ୍ଷେତ୍ରରେ ସହଯୋଗ କରିଆସିଛନ୍ତି। ପଞ୍ଚାୟତବାସୀଙ୍କ ଜାଗା ଉପରେ ଏମସିଏଲର ୪ଟି କଲୋନୀ, ଗୋଟିଏ ଜିଏମ ଅଫିସ, ୨ଟି ଡିଏଭି ସ୍କୁଲ, ଗୋଟିଏ ମେଡିକାଲ କଲେଜ, ୨ଟି କୋଲ ୱାସରୀ ନିର୍ମାଣ ହୋଇପାରିଛି। ତେଣୁ ଡିଏଭି ସ୍କୁଲରେ ଏମସିଏଲ କର୍ମଚାରୀଙ୍କ ପିଲାମାନଙ୍କୁ ଯେଉଁଭଳି ଆଡମିଶନ ଏବଂ ରି-ଆଡମିଶନ ସମୟରେ ସୁବିଧା ଦିଆଯାଉଛି ସେହିପରି ସୁବିଧା ପଞ୍ଚାୟତବାସୀଙ୍କ ପିଲାମାନଙ୍କୁ ପ୍ରଦାନ କରାଯିବାକୁ ସେମାନେ ଦାବି କରିଛନ୍ତି। କ୍ଷୀରୋଦ ସାହୁ, ଧ୍ରୁବଚରଣ ଧିର, ରାଜକିଶୋର ସାହୁ, ଭୂପେନ ଥନ୍ଧ, ଦୁର୍ଗାଚରଣ ସାହୁ, ପ୍ରତାପସାହୁ, ଗିରିଶଚନ୍ଦ୍ର ସାହୁ, ଅନାଦି ପ୍ରଧାନ, ମଦନମୋହନ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ସହକାରୀ ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଚୋରି ଅଭିଯୁକ୍ତ ଗିରଫ

**ବଅଁରପାଳ,୬।୯(ଡି.ଏନ.ଏ.):** ସାଇକେଲ ଚୋରି ଅଭିଯୋଗରେ ବଅଁରପାଳ ପୋଲିସ ଶୁକ୍ରବାର ନାଲ୍‌କୋ ଥାନା ବଳରାମ ପ୍ରସାଦ ଅଞ୍ଚଳର କୁମୁଦନାଥଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ଚୋରି ସାଇକେଲ ଜବତ କରାଯାଇଛି। ଗତ ୨୯ରେ ସେ ଗୋଡମରା ଗ୍ରାମର ସଞ୍ଜୟ ପରିଡାଙ୍କ ଘରୁ ସାଇକେଲ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଭାରତ ଗୁରୁ ପରମ୍ପରାର ଦେଶ

**ଅନୁଗୋଳ ଅଫିସ,୬।୯:** ଅନୁଗୋଳ ଗାନ୍ଧିମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଗୁରୁଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ରୋହିତ କୁମାର ଦାସ ଯୋଗଦେଇ ଭାରତ ଗୁରୁ ପରମ୍ପରାର ଦେଶ ବୋଲି ଅଭିଭାଷଣରେ କହିଥିଲେ। ବିଦ୍ୟାଳୟ ସଭାପତି ଡା. ସୁଧାକର ପାଳଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ବିଜୟ କୁମାର ମୋଦି, ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧକ୍ଷ ସୁରଥ କୁମାର ପାଢ଼ୀ, ସଦସ୍ୟା ନିବେଦିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ର ପ୍ରିୟାଂଶୁ ମହାରଣା, ମଦେଶ ପାଣିଗ୍ରାହୀ, ଆଶୁତୋଷ ସାହୁ, ଲକ୍ଷ୍ମୀପାଦ କର ପ୍ରମୁଖ ଯୋଗଦେଇ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୀବନୀ ଉପରେ ବକ୍ତୃତା ପ୍ରଦାନ କରିଥିଲେ। ସହପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁମାନେ ଗୁରୁମାଗୁରୁଜୀଙ୍କୁ ପୂଜା କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ଉଦାହରଣ ସୃଷ୍ଟି କରନ୍ତୁ ଦିବ୍ୟାଙ୍ଗ

**ଅନୁଗୋଳ ଅଫିସ, ୬।୯**




ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ଅନୁଗୋଳ ପଞ୍ଚାୟତ ସମିତିର ମିଳିତ ସହଯୋଗରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଗୋଳ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିବା ସହ ନିଜ ସାମର୍ଥ୍ୟ ବଳରେ ସକ୍ଷମ ହୋଇ ସମାଜରେ ଉଲ୍ଲେଖନୀୟ କାମ କରି ଉଦାହରଣ ସୃଷ୍ଟି କରିବାକୁ ଉପସ୍ଥିତ ଦିବ୍ୟାଙ୍ଗମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ବିଭିନ୍ନ ସରକାରୀ ଯୋଜନାରେ ସେମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀମାନେ ବିଶେଷ ଯତ୍ନବାନ ହେବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ପଞ୍ଚାୟତ ସମିତି ଅଧକ୍ଷ ନିରଞ୍ଜନ ଦେହୁରୀ ଯୋଗଦେଇ ଭିନ୍ନକ୍ଷମମାନଙ୍କ ପାଇଁ ଅନୁଷ୍ଠିତ ଏହି ଚିହ୍ନଟ ପ୍ରକ୍ରିୟାରେ ଅଧିକ ସଂଖ୍ୟାରେ ଯୋଗଦେଇ ସହାୟତା ଓ ପ୍ରମାଣ ପତ୍ର ହାସଲ କରିବାକୁ ପରାମର୍ଶ ଦେଇଥିଲେ। ବିଡିଓ ମାୟାଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଗୋଳ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରେଣୁବାଳା ପତି ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଅନୁଗୋଳ ବ୍ଲକ ଓ ପୌରପାଳିକା ଦ୍ୱାରା ଭିନ୍ନ ଭିନ୍ନ ଷ୍ଟଲ ଖୋଲାଯାଇ ୫୬୭ ଜଣ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକରଣ କରାଯାଇଛି। ଅନୁଗୋଳ ପଞ୍ଚାୟତ ସମିତିର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକଙ୍କ ସମେତ ବ୍ଲକ ଓ ଆଇସିଡିଏସ୍‌ରେ କାର୍ଯ୍ୟରତ କର୍ମଚାରୀମାନେ ସହଯୋଗ କରିଥିଲେ।

# ନୂଆପଡ଼ା ମୌଜାରେ ଶ୍ମଶାନ ଚିହ୍ନଟ ଦାବି



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**ଅନୁଗୋଳ ଅଫିସ, ୬।୯**

ଅନୁଗୋଳ ଜିଲା କୁରୁଡ଼ୋଲ ଅନ୍ତର୍ଗତ ନୂଆପଡ଼ା ଗ୍ରାମ୍ୟ କମିଟି ପକ୍ଷରୁ ଶ୍ମଶାନ ସ୍ଥାନ ଚିହ୍ନଟ ପାଇଁ ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନୂଆପଡ଼ା ମୌଜାର ଥିବା ଶ୍ମଶାନରେ ପୂର୍ବରୁ ଗ୍ରାମବାସୀ ଶବ ସତ୍କାର କରୁଥିଲେ ହେଁ କେତେଜଣ ମୁଷ୍ଟିମେୟ ଲୋକ ସେଠାରେ ମୃତଦେହ ଦାହ ନ କରିବାକୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଶବ ଦାହ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମ କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇବା ସହ ସମସ୍ୟାର ସମାଧାନ କରିବାକୁ ନିବେଦନ କରିଛନ୍ତି। ତୁରନ୍ତ ଗ୍ରାମରେ ଶ୍ମଶାନ ଓ ଶ୍ମଶାନ ରାସ୍ତା ଚିହ୍ନଟ କରାଯିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ପ୍ରତିଶ୍ରୁତି ଦେଇଥିବା ସେମାନେ କହିଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା



**ପାଲଲହଡା,୬।୯(ଡି.ଏନ.ଏ.)**

ପାଲଲହଡା ବ୍ଲକ କରଡ଼ାପାଳ ପଞ୍ଚାୟତ ଗୁରୁଣ୍ଡିଆମୁଣ୍ଡା ଗ୍ରାମ ଗୁରୁଣ୍ଡିଆମୁଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ହେବ ଶିକ୍ଷକ ଅଭାବ ଲାଗି ରହିଛି। ଫଳରେ ଛାତ୍ରୀଛାତ୍ରମାନେ ପାଠପଢାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ପ୍ରତିବାଦରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୧୫୦ ଛାତ୍ରୀଛାତ୍ରଙ୍କ ପାଇଁ ମାତ୍ର ୫ ଜଣ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଏଥିଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଅଧିକ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକମାନେ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ଏପରି ପଦକ୍ଷେପ ନେଇଥିବା ପ୍ରକାଶ କରିଛନ୍ତି। ଖବରପାଇ ସିଆରସିସି କପିଳେନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପରିଡା ଫୋନ ଯୋଗେ ଆନ୍ଦୋଳନକାରୀଙ୍କ ସହ କଥା ହୋଇ ଖୁବଶୀଘ୍ର ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ, ୨ ଗିରଫ

**ଛେଣ୍ଡିପଦା,୬।୯(ସ୍ୱ.ପ୍ର)**

ପୂର୍ବଶତ୍ରୁତାକୁ ନେଇ ମାରପିଟ ଅଭିଯୋଗରେ ଛେଣ୍ଡିପଦା ପୋଲିସ ଶୁକ୍ରବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଲିନାଳୀ ଗ୍ରାମର ରିଲୁ ସାହୁ ଓ ଉଦ୍ଧବ ସାହୁ। ଫୁଲଝରୀ ଗ୍ରାମର ଅଲେଖ ଚନ୍ଦ୍ର ସାହୁଙ୍କ ପୁଅ ଦୁଷ୍ମନ୍ତ ସାହୁ ଘର ସମ୍ମୁଖରେ ଛିଡା ହୋଇଥିଲେ। ସେହି ସମୟରେ ରିଲୁ ଓ ଉଦ୍ଧବ ପୂର୍ବ ଶତ୍ରୁତାକୁ ନେଇ ଦୁଷ୍ମନ୍ତଙ୍କୁ ଆକ୍ରମଣ କରିଥିବା ଛେଣ୍ଡିପଦା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ କେସ ନଂ. ୨୬୮/୧୯ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିଥିଲା।

# ମଜଦୁର ସଂଘ ପକ୍ଷରୁ ଧାରଣା




**ବଅଁରପାଳ,୬।୯(ଡି.ଏନ.ଏ.)**

ଭାରତୀୟ ମଜଦୁର ସଂଘ ଆହ୍ୱାନକ୍ରମେ ଆଲୁମିନିୟମ ମଜଦୁର ସଂଘର କର୍ମକର୍ତ୍ତାମାନେ ଶୁକ୍ରବାର ନାଲ୍‌କୋ ପ୍ରଶାସନିକ କାର୍ଯ୍ୟାଳୟଠାରେ ଗଣଧାରଣା ଦେଇଛନ୍ତି। ରାଷ୍ଟ୍ରୀୟ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର, ଘରୋଇକରଣ ଓ ଶ୍ରମ ଆଇନ ପରିବର୍ତ୍ତନ ବିରୋଧରେ ଏହି ଗଣଧାରଣା ଦିଆଯାଇଥିଲା। ସଂଘର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସଭାପତି ସୁବାସ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନ ତରାଇଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୧୧୧ ୟୁନିଟ୍ ରକ୍ତ ସଂଗ୍ରହ

**ତାଳଚେର, ୬।୯(ନି.ପ୍ର.)**




ଶିବିରରେ ରକ୍ତ ସଂଗ୍ରହବେଳେ ଉପସ୍ଥିତ ଅତିଥିମାନେ।

ତାଳଚେର ଅନନ୍ତ ଆମ୍ବୁଲାନ୍ସ ଡିଭିଜନ୍ ପକ୍ଷରୁ ସ୍ଥାନୀୟ ଅନନ୍ତ ବିହାର ସ୍ଥିତ ଗ୍ରୀନ ଭ୍ୟାଲି କ୍ଲବଠାରେ ଏକ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଜଗନ୍ନାଥ ଏରିଆ ମେଡିକାଲ୍ ଅଫିସର ଡା. ତ୍ରିନାଥ ପଣ୍ଡା, ଏଚ୍.ଏମ୍.ଏସ୍.ର ସାଧାରଣ ସମ୍ପାଦକ ଶଙ୍କର ବେହେରା, ଘଣ୍ଟପଡ଼ା ସରପଞ୍ଚ ମନୋଜ ବେହେରା, ଓଡ଼ିଆ ଡିଏଭି ସ୍କୁଲର ଭାରପ୍ରାପ୍ତ ଅଧକ୍ଷ ପ୍ରଭାକର ମହାନ୍ତି, ଭରତପୁର କ୍ଷେତ୍ରର ପର୍ସନାଲ୍ ମ୍ୟାନେଜର ମାନସ ଜେନା, ବଳରାମ ପତି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ମୋଟ୍ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସେଣ୍ଟ ଜନ୍‌ସ ଅନନ୍ତ ଆମ୍ବୁଲାନ୍ସର ଡିଭିଜନ କମାଣ୍ଡର ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆମ୍ବୁଲାନ୍ସ ଅଫିସର ଦୀନବନ୍ଧୁ ପ୍ରଧାନ, ପଞ୍ଚୁ ସାହୁ, ବ୍ରିଗେଡ ମେମ୍ବର ଅଞ୍ଜନ ଶତପଥୀ, ଅରବିନ୍ଦ ପ୍ରଧାନ, ରାଜେନ୍ଦ୍ର ସାହୁ, ପ୍ରଦୀପ ପ୍ରଧାନ, ସତ୍ୟନାରାୟଣ ପ୍ରଧାନ, ଚନ୍ଦନ ପ୍ରଧାନ, ଶୁଭ୍ରାଂଶୁ ପ୍ରଧାନ, ବୈକୁଣ୍ଠ ସାହୁ, ବିଭୂତିଭୂଷଣ ମହାରଣା, ବାବୁମଣି ବିଶ୍ୱାଳ, ପୃଥ୍ୱୀରାଜ ଭଞ୍ଜ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ଶାନ୍ତନୁ ବେହେରା, ରୀତାରାଣୀ ଦାସ, ଧିରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ତାଳଚେର ରକ୍ତଭଣ୍ଡାର ଅଧିକାରୀ, କର୍ମଚାରୀମାନେ ସହଯୋଗ କରିଥିଲେ।

# ମାଧପୁରରେ ଗଣପତିଙ୍କୁ ବିଦାୟ



ରାଧାକୃଷ୍ଣ ଯୁବକ ସଂଘ।



ଗଣେଶ ବଜାର, ମାଧପୁର।

**ମାଧପୁର,୬।୯**

ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳରେ ଶୁକ୍ରବାର ଗଣେଶଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅନୁଷ୍ଠାନ ତରଫରୁ ନାମସଂକୀର୍ତ୍ତନ, ଘଣ୍ଟ, ଶଙ୍ଖ, ଢୋଲ, ନିଶାନ, ମାଇକ ସାଉଣ୍ଡ ମାଧ୍ୟମରେ ମେଢ ଗୁଡ଼ିକୁ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ କମ୍ପଲା ପୂଜା କମିଟି, ଗଣେଶ ବଜାର ପୂଜା କମିଟି, ଗଦାଧରପୁର ପୂଜା କମିଟି, ଦୁଡୁମ ପୂଜା କମିଟି, ସଂଗ୍ରାମୀ ଛକ ପୂଜା କମିଟି ପ୍ରମୁଖ ସାମିଲ ହୋଇଥିଲେ। କନ୍ଧପଡା, କୁନ୍ଦନାଳୀ ରାଧାକୃଷ୍ଣ ପୂଜା କମିଟି, ଲୁଣହାଣ୍ଡି ପୂଜା କମିଟି ସଦସ୍ୟମାନେ ନିଜ ନିଜ ଗ୍ରାମରେ ଭସାଣି ଉତ୍ସବ ଆୟୋଜନ କରିଥିଲେ।



ଗଦାଧରପୁର ପୂଜା କମିଟି।



କମ୍ପଲା ପୂଜା କମିଟି।



ସଂଗ୍ରାମୀ ଛକ ମାଧପୁର।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ